ଗ୍ରାମୀଣ କୃଷି ମୌସୁମୀ ସେବା

ଭାରତୀୟ ପାଣିପାଗ ବିଭାଗ

ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ଓଡିଆ

# କୃଷି ଉପଦେଶ ପ୍ରସାରିତ ସମାଚାର

ତାରିଖ : 05-12-2023

ଗଜପତି(ଓଡିଶା) - :2023-12-05 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

| ପାଣିପାଗ କାରକ | 2023-12-06 | 2023-12-07 | 2023-12-08 | 2023-12-09 | 2023-12-10 |
|---|---|---|---|---|---|
| ବର୍ଷା (ମିମି) | 25.0 | 20.0 | 5.0 | 3.0 | 0.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 27.0 | 27.0 | 29.0 | 30.0 | 31.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 20.0 | 20.0 | 20.0 | 19.0 | 18.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 96 | 95 | 96 | 98 | 97 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 85 | 82 | 75 | 65 | 60 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 8 | 7 | 6 | 4 | 4 |
| ପବନର ଦିଗ (ଡିଗ୍ରୀ) | 68 | 68 | 77 | 81 | 75 |
| ମେଘାଚ୍ଛନ (ଅକ୍ଟା) | 7 | 7 | 5 | 3 | 2 |

## ପାଣିପାଗ ସାରାଂଶ/ସତର୍କ:

ଭାରତ ପାଣିପାଗ ବିଭାଗ ରୁ ମିଳିଥିବା ପାଣିପାଗ ପୂର୍ବାନୁମାନ ଅନୁଯାୟୀ, ଜିଲ୍ଲାରେ ଶୁକ୍ରବାର ଦିନ ପର୍ଯ୍ୟନ୍ତ ହାଲୁକା ରୁ ମଧ୍ୟମ ଧରଣର ବର୍ଷା ହୋଇପାରେ ଏବଂ ତା'ପରେ ଶନିବାର ଦିନ ପାଗ ଶୁଖିଲା ରହିବା ସହିତ ଆକାଶ ମୁଖ୍ୟତଃ ସ୍ୱଚ୍ଛ ରୁ ସାଧାରଣତଃ ମେଘାଚ୍ଛନ୍ନ ରହିବାର ସମ୍ଭାବନା ରହିଛି । ଆସନ୍ତା ପାଞ୍ଚ ଦିନ ପର୍ଯ୍ୟନ୍ତ ପବନର ବେଗ ୦୪.୦ ରୁ ୦୮.୦ କିଲୋମିଟର ପ୍ରତି ଘଣ୍ଟା ମଧ୍ୟରେ ରହିବାର ସମ୍ଭାବନା ରହିଛି । ଦୈନିକ ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୨୭.୦° ସେଲସିୟସ ରୁ ୩୧.୦° ସେଲସିୟସ ଏବଂ ୧୮.୦° ସେଲସିୟସ ରୁ ୨୦.୦° ସେଲସିୟସ ମଧ୍ୟରେ ରହିବାର ସମ୍ଭାବନା ରହିଛି । ସକାଳେ ଏବଂ ଅପରାହ୍ନରେ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ୯୫ ରୁ ୯୮ ଶତକଡା ଏବଂ ୬୦ ରୁ ୮୫ ଶତକଡା ମଧ୍ୟରେ ରହିପାରେ ।

## ସାଧାରଣ ଉପଦେଶ:

ଗଜପତି ଜିଲ୍ଲାରେ ଗତ ସପ୍ତାହରେ ହାରାହାରି ସର୍ବାଧିକ ଦୈନିକ ତାପମାତ୍ରା ୩୧.୪° ସେଲସିୟସ ଏବଂ ହାରାହାରି ସର୍ବନିମ୍ନ ଦୈନିକ ତାପମାତ୍ରା ୨୦.୭° ସେଲସିୟସ ଥିଲା । ଗତ ସପ୍ତାହରେ ଜିଲ୍ଲାରେ ୧୩.୧ ମିଲିମିଟର ବର୍ଷା ହୋଇଅଛି । ପାକଳ ଧାନ, କପା, ଇତ୍ୟାଦି ଅମଳ କରନ୍ତୁ ନାହିଁ ଓ ଅମଳ ହୋଇଥିବା ଫସଲକୁ ବର୍ଷା ଦାଉରୁ ରକ୍ଷା ପାଇଁ ସୁରକ୍ଷିତ ସ୍ଥାନ କୁ ନିଅନ୍ତୁ । ଅମଳ ଉପଯୋଗୀ କପା ଫସଲକୁ ଅତି ଶୀଘ୍ର ଅମଳ କରନ୍ତୁ ଓ ସୁରକ୍ଷିତ ସ୍ଥାନରେ ସାଇତି ରଖନ୍ତୁ ଏବଂ ଏହାକୁ ଶୁଖିଲା ଜାଗାରେ ରଖନ୍ତୁ । ଧାନ, ପନିପରିବା, ମୁଗ ଓ ବିରି ଇତ୍ୟାଦି ଜମିରୁ ବଳକା ପାଣି ନିଷ୍କାସନ କରିବା ପାଇଁ ନାଳୀ କରନ୍ତୁ ଏବଂ ନାଳୀ ମୁହଁ କୁ ଖୋଲା ରଖନ୍ତୁ । ଫସଲରେ ଔଷଧ ସିଂଚନ, ଜଳସେଚନ, ସାର ପ୍ରୟୋଗ ସ୍ଥଗିତ ରଖନ୍ତୁ । ପନିପରିବା ଫସଲର ତଳିଘେରା ଏବଂ ଜମିରେ ଲାଗିଥିବା ଫସଲକୁ ବର୍ଷା ଦାଉରୁ ରକ୍ଷା କରିବା ପାଇଁ ଧଳା ପଲିଥିନ ସାହାଯ୍ୟରେ ଘୋଡାଇ ରଖନ୍ତୁ । ଟମାଟୋ, ବନ୍ଧାକୋବି, ଫୁଲ କୋବି, ପିଆଜ ଆଦି ପାଇଁ ଜମି ପ୍ରସ୍ତୁତି ଏବଂ ଚାରା ରୋପଣ ଆଦି କାର୍ଯ୍ୟ ସ୍ଥଗିତ ରଖନ୍ତୁ । ଧାନ ଅମଳ ପରେ ମୁଗ ଓ ବିରି ବୁଣିବା ପାଇଁ ଜମି ପ୍ରସ୍ତୁତି ସ୍ଥଗିତ ରଖନ୍ତୁ ।

## ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

| |
|---|
| ସଅଳ ଲଗାଯାଇଥିବା ପନିପରିବା ରେ ବର୍ଷା ପରେ ପତ୍ରଗୁଡିକ ଯଦି ମାଟିରେ ଲାଗିଯାଇଥାଏ ତେବେ ସେହି ପତ୍ରଗୁଡ଼ିକୁ ଛିଣ୍ଡାଇ ଦିଅନ୍ତୁ । |

## ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | ରୁଆ ଧାନ ବର୍ତମାନ ମଞ୍ଜି ପୂରଣ ରୁ ଅମଳ (୧୪ – ୧୭ ସପ୍ତାହ) ଅବସ୍ଥାରେ ଅଛି । ପାକଳ ଧାନ ଅମଳ କରନ୍ତୁ ଓ ଅମଳ ହୋଇଥିବା ଫସଲକୁ ବର୍ଷା ଜନିତ କ୍ଷତି ରୁ ରକ୍ଷା କରିବା ପାଇଁ ସୁରକ୍ଷିତ ସ୍ଥାନ କୁ ନିଅନ୍ତୁ । |
| ତୁଳା | ବୁଣା ଯାଇଥିବା କପା ବର୍ତମାନ ଫଳ ବୃଦ୍ଧି ହେବା ରୁ ଫଳ ଫାଟିବା (୨୦- ୨୨ ସପ୍ତାହ) ଅବସ୍ଥାରେ ଅଛି । ପାକଳ କପା ଅମଳ କରନ୍ତୁ ଓ ସୁରକ୍ଷିତ ସ୍ଥାନରେ ରଖନ୍ତୁ । |
| ମସୁର/ହରଡ଼ | ହରଡ ବର୍ତମାନ (୧୮ – ୧୯ ସପ୍ତାହ) ଛୁଇଁ ରୁ ମଞ୍ଜି ହେବା ଅବସ୍ଥାରେ ଅଛି । ପାକଳ ଛୁଇଁ ଗୁଡିକୁ ଅମଳ କରନ୍ତୁ ଓ ଅମଳ ହୋଇଥିବା ଫସଲକୁ ବର୍ଷା ଜନିତ କ୍ଷତି ରୁ ରକ୍ଷା କରିବା ପାଇଁ ସୁରକ୍ଷିତ ସ୍ଥାନ କୁ ନିଅନ୍ତୁ । |
| ମାଣ୍ଡିଆ | ମାଣ୍ଡିଆ ମଞ୍ଜି ପାକଳ ରୁ ଅମଳ ହେବା ଅବସ୍ଥାରେ ଅଛି । ପାକଳ ମାଣ୍ଡିଆ ଅମଳ କରନ୍ତୁ ଓ ସୁରକ୍ଷିତ ସ୍ଥାନ କୁ ନିଅନ୍ତୁ । |

## ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ବନ୍ଧାକୋବି | ପନିପରିବା ଓ କୋବି ଜାତୀୟ ଫସଲ କୁ ପ୍ଲାଷ୍ଟିକ ଜରି ଆଦି ଘୋଡାଇ ଅତ୍ୟଧିକ ବର୍ଷା ଦାଉରୁ ରକ୍ଷା କରନ୍ତୁ । |
| କଦଳୀ | ନୂଆ ଫଳ ହୋଇଥିବା ଗଛ ଗୁଡିକୁ ଡେରା/ଭରା ଦିଅନ୍ତୁ । ଯଥାଶୀଘ୍ର ପାଚିଲା ଫଳ ଅମଳ କରନ୍ତୁ ଏବଂ ବଜାରରେ ବିକ୍ରୟ କରନ୍ତୁ । |

## ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ମତ୍ସ୍ୟ ପାଳନ | ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| କମନ କାର୍ପ | ଶୀତ ଦିନେ ପ୍ରାୟତଃ ମହାମାରୀ କ୍ଷତ ରୋଗ ମାଛ ମାନଙ୍କ ଠାରେ ଦେଖାଯାଏ । ଏହା ଏକ ସଂକ୍ରାମକ ରୋଗ । ଥରେ ଗୋଟିଏ ମାଛ କୁ ରୋଗ ହେଲେ ଆସ୍ତେ ଆସ୍ତେ ଅନ୍ୟ ମାଛ କୁ ବ୍ୟାପିଥାଏ । ଏହି ରୋଗ ରେ ପ୍ରଥମେ ମାଛ ର ଦେହ ରେ ନାଲି ନାଲି ଦାଗ ହୁଏ ଓ ପରେ ଖଣ୍ଡିଆ ହୋଇ ଘା' ହୋଇଯାଏ। ଏହି ରୋଗ ର ନିରାକରଣ ପାଇଁ ସିଫାକ୍ସ (CIFAX) କୁ ଏକ ଏକର ପୋଖରୀ ପିଛା ୪୦୦ ମିଲି ହିସାବରେ ପ୍ରୟୋଗ କରନ୍ତୁ ଏବଂ ଅକ୍ଟୋବର ମାସ ରୁ ଆରମ୍ଭ କରି ଜାନୁୟାରୀ ପର୍ଯ୍ୟନ୍ତ ପ୍ରତି ମାସ ବ୍ୟବହାର କରନ୍ତୁ । |